

■ ଡ୍ରେନ୍ ସଫେଇକୁ ନେଇ ମେୟରଙ୍କ ତାଗିଦ୍

# ୨୦ ସୁଦ୍ଧା ଡ୍ରେନ୍ କାମ ସାର

ଭୁବନେଶ୍ୱର, ୭।୬(ସମିସ): ମୌସୁମୀକୁ ଓଡ଼ିଶା ଛୁଇଁବାକୁ ଆଉ ମାତ୍ର ଦିନ କେଇଟା ରହିଗଲା। ବିଏମ୍‌ସିରେ ଅଞ୍ଚଳରେ ଥିବା ସମସ୍ତ ଡ୍ରେନ୍‌ର କାମ ଏପର୍ଯ୍ୟନ୍ତ ଶେଷ ହୋଇନାହିଁ। ଏପରିକି ମୁଖ୍ୟ ଡ୍ରେନ୍ କାମ ଅଧା ବି ହୋଇନାହିଁ। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ବିଏମ୍‌ସି ମେୟର ସୁଲୋଚନା ଦାସ। ଶୁକ୍ରବାର ବିଏମ୍‌ସି ପରିସରରେ ଏସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜୁନ୍ ୨୦ସୁଦ୍ଧା ଡ୍ରେନ୍ କାମ ସାରିବାକୁ ଶ୍ରୀମତୀ ଦାସ ବିଏମ୍‌ସି ଅଧିକାରୀମାନଙ୍କୁ ତାଗିଦ୍ କରିଛନ୍ତି। ଚଳିତ ବର୍ଷ ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଥିବା ସମସ୍ତ ଡ୍ରେନ୍‌ର ସଫେଇ କାର୍ଯ୍ୟ ବିଏମ୍‌ସିକୁ ଦିଆଯାଇଛି। ୭୭କିମି ବିଶିଷ୍ଟ ୧୦ଟି ମୁଖ୍ୟ ଡ୍ରେନ ମଧ୍ୟରୁ ମାତ୍ର ୨୨କିମି ସଫା ହୋଇଛି। ଆର୍ ଆଣ୍ଡ ବି ଅଧୀନରେ ଥିବା ୫ଟି ଡିଭିଜନ୍ ଅନ୍ତର୍ଗତ ୩୬୦କିମିରୁ ମାତ୍ର ୫୨କିମି ସଫେଇ କରାଯାଇଛି। ସେହିପରି ୯୨୪.୨୭କିମି ଆଭ୍ୟନ୍ତରୀଣ ଡ୍ରେନ୍ ମଧ୍ୟରୁ ଏବେ ସୁଦ୍ଧା ୬୫ ପ୍ରତିଶତ ଡ୍ରେନ୍ ସଫା ହୋଇଛି। ଡ୍ରେନ୍ ସଫେଇ ପାଇଁ ମୋଟ୍ ୩୪ଟି ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଏହାବାଦ୍ ସଫେଇ କାମ ଅଧା ସରି ନ ଥିବାରୁ ମେୟର୍ ଅସନ୍ତୋଷ ପ୍ରକାଶ କରିଥିଲେ। ଯୁଦ୍ଧକାଳୀନ ଭିତ୍ତିରେ କାମ ସାରିବାକୁ ମେୟର୍ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଯେଉଁ ସଂସ୍ଥା ଠିକ୍ ଭାବେ କାମ ନ କରିବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି। ଅସରାଏ ବର୍ଷା ହେଲେ ସହରରେ ଜଳବନ୍ଦୀ ସୃଷ୍ଟି ହେଉଥିବାରୁ ପ୍ରତିଥର ବିଏମ୍‌ସିକୁ ସମାଲୋଚନାର ଶୀକାର ହେବାକୁ ପଡୁଛି। ତେଣୁ ଜୁନ୍ ୨୦ ସୁଦ୍ଧା ଡ୍ରେନ୍ ସଫେଇ ସାରିବାକୁ ମେୟର ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସହରରେ 'ମୁକ୍ତା' ଯୋଜନାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଛି। ମୁକ୍ତା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମେୟର୍ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟରେ ନିର୍ବାଚନ ପାଇଁ ବିଭିନ୍ନ କାମ ଧିମେଇ ଯାଇଥିଲା। ମାତ୍ର ଏବେ ନିର୍ବାଚନ ଆଚରଣବିଧି ଉଠି ସାରିଥିବାରୁ ପୂର୍ବବତ୍ ସମସ୍ତ କାମ କରିବାକୁ ମେୟର ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ୱାର୍କ୍ସ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ୍ ଅମରେଶ ଜେନା, ରାଜସ୍ୱ ଡେପୁଟି କମିସନର ପ୍ରିୟବ୍ରତ ପାଢ଼ୀ, ସିଟି ଇଞ୍ଜିନିୟର ବିଳାସ ବେହେରା, କର୍ପୋରେଟର ସନ୍ତୋଷ ସିଂ ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

**୧୦ ମୁଖ୍ୟ ଡ୍ରେନ୍‌ର ମାତ୍ର ୨୨କିଲୋମିଟର ହୋଇଛି ସଫେଇ**

**ଆର୍‌ଆଣ୍ଡବି ୩୬୦ କିମିରୁ ମାତ୍ର ୫୨ କିମି ସଫେଇ ଶେଷ**

## ମାଗଣା ସନ୍ତରଣ ପ୍ରଶିକ୍ଷଣ

ଭୁବନେଶ୍ୱର, ୭।୬(ସମିସ): ହୋଲି, ବଣ ଭୋଜି, ତୀର୍ଥ ନିକଟ ନଦୀ ପୋଖରୀରେ ବୁଡି ମୃତ୍ୟୁ ଘଟିବା ଖବର ପ୍ରତିବର୍ଷ ଦେଖିବାକୁ ମିଳିଥାଏ। ଏହାର ଏକ ପ୍ରମୁଖ କାରଣ ସନ୍ତରଣ ଶିକ୍ଷାର ଅଭାବ ବୋଲି କହିଲେ ଭୁଲ ହେବ ନାହିଁ। ସେହି ପରିପେକ୍ଷୀରେ ଭୁବନେଶ୍ୱରର ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ନିଶୁଳ୍କ ସନ୍ତରଣ ଶିକ୍ଷା ଦିଆଯାଉଛି। ଏହିକ୍ରମରେ ଚଳିତବର୍ଷ ଏହି କାର୍ଯ୍ୟକ୍ରମ ସୁନ୍ଦରପଦା ସୁନ୍ଦରେଶ୍ୱର ପୋଖରୀରେ ଦିଆଯାଉଛି। ସକାଳ ୮ ଟାରୁ ୧୦ ଟା ପର୍ଯ୍ୟନ୍ତ ଏହି ପ୍ରଶିକ୍ଷଣ ଶିକ୍ଷା ଦିଆଯାଉଛି। ଯେଉଁମାନେ ସନ୍ତରଣ ଶିକ୍ଷା ଜାଣିନାହାନ୍ତି ଏବଂ ଜାଣିବାକୁ ଇଚ୍ଛୁକ ଏଥିରେ ଭାଗ ନେବାକୁ ଅନୁଷ୍ଠାନର ସେବା ପ୍ରତିନିଧି ନୀଳମଣି ମିଶ୍ର ନିବେଦନ କରିବା ସହିତ ଯୋଗାଯୋଗ ପାଇଁ ୯୦୪୦୫୧୧୭୫୦ ନମ୍ବର ସହାୟତାରେ ସମ୍ପର୍କ କରିବାକୁ ନିବେଦନ କରିଛନ୍ତି।



**ଶିଳାନ୍ୟାସକୁ ୩ ପୂରିଲା; ପ୍ରକଳ୍ପ ସରିଲାନି**

# ହଂସା ଉଡ଼ାଉଛି ହଂସପାଳ ଫ୍ଲାଏଓଭର୍

ଭୁବନେଶ୍ୱର, ୭।୬(ସମିସ)



**ଯନ୍ତ୍ରଣା ଭୋଗୁଛନ୍ତି ଜନତା, ଭୁଆଁ ବୁଲାଉଛି ଏନ୍‌ଏଚ୍‌ଏଆଇ**

୨୦୧୯ ଅଗଷ୍ଟ ୧୯। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ନିଜ ଟ୍ୱିଟର୍ ପୋଷ୍ଟରେ ହଂସପାଳ ଛକରେ ଫ୍ଲାଏଓଭର୍ ବ୍ରିଜ୍ ନିର୍ମାଣ ହେବା ନେଇ ପୋଷ୍ଟ କଲେ। କେନ୍ଦ୍ର ପରିବହନ ମନ୍ତ୍ରୀ ନୀତୀନ୍ ଗଡ଼କରୀଙ୍କୁ ଧନ୍ୟବାଦ ଜଣାଇବା ସହ ୩୦କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ବ୍ରିଜ୍ ୧୨୦ ଦିନ ଭିତରେ ଟେଣ୍ଡର ଓ ୧୮ ମାସ ଭିତରେ କାମ ସରିବ ବୋଲି ସେହି ପୋଷ୍ଟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଥିଲେ। ହେଲେ କରୋନା ଯୋଗୁଁ ଏଥିରେ ବିଳମ୍ବ ହୋଇଥିଲା। ୯ ଜୁନ୍ ୨୦୨୦ରେ ଖୋଦ୍ ସାଂସଦ ଏହାର ଶୁଭଦେବା ସହ ଡିସେମ୍ବର ୨୦୨୧ରେ ଏହା ସରିବ ବୋଲି କହିଥିଲେ। ଶିଳାନ୍ୟାସ ପରେ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ପକ୍ଷରୁ କାମ ମଧ୍ୟ ଆରମ୍ଭ ହୋଇଥିଲା। ହେଲେ ପ୍ରାୟ ୩ ବର୍ଷ ବିତି ସାରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାମ ଶେଷ ହୋଇପାରିଲାନି।

ଏହାରି ଭିତରେ ସାଂସଦଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଥିବାବେଳେ ଆଉଥରେ ନିର୍ବାଚିତ ହୋଇ ଦାୟିତ୍ୱ ନେବାକୁ ଯାଉଛନ୍ତି। କିନ୍ତୁ ଏହି ପ୍ରକଳ୍ପର ଭାଗ୍ୟ ସେମିତି ଅନ୍ଧାର ଭିତରକୁ ଠେଲି ହୋଇଯାଇଛି। ଏନ୍‌ଏଚ୍‌ଏଆଇ ଯେଉଁ ଭଳି କଚ୍ଛପ ଗତିରେ କାମ କରୁଛି, ଆହୁରି ଦୁଇବର୍ଷ ପର୍ଯ୍ୟନ୍ତ ନିର୍ମାଣ କାମ ସରିବା ଭଳି ଦେଖାଯାଉନି। ଅନ୍ୟପକ୍ଷରେ ଏହା ରାଜଧାନୀର ପ୍ରବେଶ ପଥ ହୋଇଥିବାରୁ ଅଧିକାଂଶ ସମୟରେ ଏହି ଛକରୁ ଟ୍ରାଫିକ୍ ଜାମ୍ ସୃଷ୍ଟି ହୋଇ ସତ୍‌ସଙ୍ଗ ବିହାର ପର୍ଯ୍ୟନ୍ତ ରାସ୍ତା ଜାମ୍ ରହୁଛି। ରାଜଧାନୀ ଟ୍ରାଫିକ୍ ଜାମ୍‌ର ଅନ୍ତୁଡ଼ିଶାଳ ପାଲଟିଛି ଏହି ଛକ। ଏହି ବ୍ରିଜ୍ କାମ କେବେ ସରିବ ତାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

ସୂଚନା ଅନୁସାରେ, ୨୦୨୦ ଜୁନ୍‌ରୁ କାମ ଆରମ୍ଭ ହେବା ପରେ କରୋନାର ଦ୍ୱିତୀୟ ଲହର ଆସିବା ଯୋଗୁଁ କାମ ପ୍ରଭାବିତ ହୋଇଛି ବୋଲି ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ କହିଲେ। ସେଥିପାଇଁ ୧୮ ମାସ ପରିବର୍ତ୍ତେ ୨୭ମାସ ଲାଗିବ ବୋଲି ସେତେବେଳେ କହିଥିଲେ। ପରେ ଗଛକଟା ସମସ୍ୟା ହେଉଥିବା ଆଳ କରି ୩୦ମାସ ଲାଗିବ ବୋଲି କହିଲେ। କେବେ କାମ ଶେଷ ହେବ ବୋଲି ପଚାରିଲେ କେହି ଧରାଛୁଆଁ ଦେଉନାହାନ୍ତି। ଠିକା ସଂସ୍ଥା ମନ୍ଥର ଗତିରେ କାମ କରୁଥିବାବେଳେ ଉକ୍ତ ସଂସ୍ଥାକୁ ସୁରକ୍ଷା ଦେବା ପାଇଁ ବିଭିନ୍ନ ଆଳ ଦେଖାଇ କର୍ତ୍ତୃପକ୍ଷ ଏଭଳି ଦିନ ଗଡ଼ାଇ ଚାଲିଛନ୍ତି ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଉଛି ଯେତେବେଳେ ଏନ୍‌ଏଚ୍‌ଏଆଇ ପକ୍ଷରୁ ଠିକା ସଂସ୍ଥାକୁ କାମ ଦିଆଗଲା ଓ ଅବଧି ସ୍ଥିର କରାଗଲା, ସେତେବେଳେ କର୍ତ୍ତୃପକ୍ଷ କେମିତି ଜାଣିପାରିଲେ ନାହିଁ। ଏଠି ଭବିଷ୍ୟତରେ ବହୁତ ସମସ୍ୟା ଉପୁଜିବାର ଆଶଙ୍କା ସୃଷ୍ଟି ହୋଇଛି। ଏବେ ବ୍ରିଜ୍ ନିର୍ମାଣ ସରୁ ନ ଥିବାବେଳେ ନିର୍ମାଣ ସାମଗ୍ରୀ ରାସ୍ତାରେ ଗଦା ହୋଇଥିବା ଯୋଗୁଁ ଲୋକମାନେ ବେଶି ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ସେହିଭଳି ନିର୍ମାଣ ସମୟରେ ରାସ୍ତାରେ ପାଣି ପକାଇ କାମ ନ କରିବା ଯୋଗୁଁ ପ୍ରଦୂଷଣ ବଢୁଛି। ଫଳରେ ଆଖପାଖରେ ଥିବା ଦୋକାନ ଓ ଆବାସିକ ଘରଗୁଡ଼ିକ ଧୂଳିରେ ପୋତି ହୋଇଯାଉଛି। ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଏହା ଉପରେ ତୁରନ୍ତ ଦୃଷ୍ଟି ଦେବା ସହ କାମସାରିବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ କହିବାନୁସାରେ, କାମ ତୁରନ୍ତ ସାରିବା ପାଇଁ ଠିକାସଂସ୍ଥାକୁ ବାରମ୍ବାର ତାଗିଦ୍ କରାଯାଉଛି। ମାତ୍ର ଠିକାସଂସ୍ଥା ସେହି ଅନୁସାରେ କାମ କରୁନି। ଏବେ ଗୋଟିଏ ପାର୍ଶ୍ୱର କାମ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ଆଉ କିଛିଦିନ ଭିତରେ କାମ ସମ୍ପୂର୍ଣ୍ଣ ଶେଷ କରିବା ପାଇଁ ଆମେ ଉଦ୍ୟମ କରୁଛୁ ବୋଲି ସେ କହିଛନ୍ତି।

# ଉତ୍ସବମୁଖର ରାଜଧାନୀ ରଜ ବଜାର

ଭୁବନେଶ୍ୱର, ୭।୬(ସମିସ)

ରଜ ପାଇଁ ବଜାର ଏବେ ହୋଇଛି ସରଗରମ। ରଜ ଆଉ ଅଳ୍ପଦିନ ଥିବାବେଳେ କିଣାକିଣି ଆରମ୍ଭ କରିଦେଲେଣି ରାଜଧାନୀବାସୀ। ରାଜଧାନୀରେ ସକାଳ ୧୦ଟାରୁ ରାତି ୧୦ ପର୍ଯ୍ୟନ୍ତ ସମସ୍ତ ମଲ୍, ଫୁଟପାଥ୍ ଆଦିରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ରଜରେ ଝିଅମାନେ ସଜବାଜ ହେବାପାଇଁ ସାଧାରଣତଃ ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରିଥାନ୍ତି। ଏଥିପାଇଁ ଏକ ମାସ ଆଗରୁ ଅର୍ଡର ହୋଇସାରିଛି ଅନେକଙ୍କ ମନପସନ୍ଦର ଡ୍ରେସ୍ କିମ୍ବା ଶାଢ଼ି। ଏହାସହ ଅନେକ ବିଭିନ୍ନ ସପିଂ ମଲ୍ ବୁଲିବୁଲି ଖୋଜୁଛନ୍ତି ନିଜ ମନପସନ୍ଦର ପୋଷାକ। ହେଲେ ଚଳିତ ବର୍ଷ ନିଜକୁ ଏକ ଅଲଗା ଲୁକ୍‌ରେ ସଜାଇବାକୁ ମହିଳାମାନେ ଟ୍ରାଇବାଲ ଆର୍ଟ ବା ପ୍ରିଣ୍ଟ ରହିଥିବା ଶାଢ଼ି ଓ ପୋଷାକକୁ ଅଧିକ ପସନ୍ଦ କରୁଛନ୍ତି।

ଛୋଟ ବଡ଼ ବିଭିନ୍ନ ପୋଷାକ ଦୋକାନ ଓ ସୋରୁମ ସହ ମଲ୍ ଓ ଫୁଟ୍‌ପାଥ୍ ପର୍ଯ୍ୟନ୍ତ ସବୁଠି ନାମୀଦାମୀ ପୋଷାକ ସହ ସାଧାରଣ ପୋଷାକଗୁଡ଼ିକର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ଫେଶନ୍ କ୍ଷେତ୍ରରେ ରାଜଧାନୀର ଅପ-ଟୁ-ଡେଟ୍ ରହୁଥିବା କେତେକ ମହିଳାମାନେ ଚଳିତ ବର୍ଷ ରଜରେ ପାରମ୍ପରିକ ପରିଧାନ ଉପରେ ଅଧିକ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳିଛି। ପାରମ୍ପରିକ ଲୁକ୍‌ରେ ନିଜକୁ ସଜେଇବାକୁ ସେମାନେ ବିଭିନ୍ନ ଜନଜାତିଙ୍କ ଜୀବନଶୈଳୀ, ସେମାନଙ୍କ କଳା ଓ କରିଗରୀର ଛାପ ରହିଥିବା ପୋଷାକକୁ ଅଧିକ ପସନ୍ଦ କରୁଛନ୍ତି। ଏଥିପାଇଁ ବିଭିନ୍ନ ଡିଜାଇନରମାନଙ୍କ ନିକଟରେ ଜମୁଛି ଭିଡ଼। ସେମାନେ ଏହିସବୁ ପୋଷାକକୁ ଗ୍ରାହକଙ୍କ ନିଜ ମନ ପସନ୍ଦ ରଙ୍ଗର ଡାଏ କରି ସେଥିରେ ବିଭିନ୍ନ କଳାକୃତିକୁ ସ୍ଥାନିତ କରୁଛନ୍ତି। ସମୟ ବଦଳିବା ସାଙ୍ଗକୁ ପୋଷାକ ପରିଚ୍ଛନ୍ନତା କ୍ଷେତ୍ରରେ ମଧ୍ୟ ଅନେକ ପରିବର୍ତ୍ତନ ଘଟୁଛି। ଯଦିଓ କେତେକ ଇ-ୱେଷ୍ଟର୍ଣ୍ଣ ଲୁକ୍‌କୁ ପସନ୍ଦ କରୁଛନ୍ତି।



କିନ୍ତୁ ହ୍ୟାଣ୍ଡଲୁମ୍, ଟ୍ରାଇବାଲ ପ୍ରିଣ୍ଟ ଡ୍ରେସ୍ ଓ ଶାଢ଼ି, ପିଓର ସିଲ୍କ, ପିଓର କଟନ୍, ନେଟ୍, ଜର୍ଜେଟ୍, ସିଫନ୍, ସିନ୍ଥେଟିକ୍, ଆଦି ଫ୍ୟାବ୍ରିକ୍‌ରେ ପ୍ରସ୍ତୁତ ଶାଢ଼ି ଉପରେ ଜରି ଓ ଏମ୍ବ୍ରୋଡୋରୀର ମଧ୍ୟ ଚାହିଦା ରହିଛି। ତେବେ ଚଳିତ ବର୍ଷ ରଜ ଉପଲକ୍ଷେ ଡିଜାଇନ୍ ଫ୍ୟାନ୍ସି ଶାଢ଼ିକୁ ଟକ୍କର ଦେଉଛି ହ୍ୟାଣ୍ଡଲୁମ୍ ଓ ଟ୍ରାଇବାଲ୍ ପ୍ରିଣ୍ଟ ଶାଢ଼ି। ଓଡ଼ିଶାରେ ପାରମ୍ପରିକ ତଥା ହାତବୁଣା ଶାଢ଼ି ବିକ୍ରି କରୁଥିବା ବ୍ୟବସାୟୀ ଓ ଫେଶନ୍ ଡିଜାଇନର୍‌ମାନେ କହିଛନ୍ତି ଯେ, ସିଜିନ୍ ଅନୁସାରେ ଆମେ ଗ୍ରାହକଙ୍କ ପସନ୍ଦକୁ ଆଖିରେ ରଖି ପୋଷାକ ଓ ଶାଢ଼ି ଆଣିଥାଉ। ଓଡ଼ିଶା ସିଲ୍କ, ବେଙ୍ଗଲ୍ ସିଲ୍କ, କାଞ୍ଚିଜପୁରମ୍, ବନାରସ, ଜର୍ଜେଟ୍, ସମ୍ବଲପୁରୀ, ବମକେଇ ଆଦି ପାଟ ଶାଢ଼ିର ମଧ୍ୟ ପୂର୍ବଭଳି ଚାହିଦା ରହିଛି। ତେବେ ଏହି ଟ୍ରାଇବାଲ୍ ଶାଢ଼ି ଓ ଚୁଡ଼ିଦାର ଅନ୍‌ଲାଇନ୍‌ରେ ମଧ୍ୟ ଉପଲବ୍ଧ ରହିଛି। ଏହାର ଦାମ୍ ୧୫୦୦ଟଙ୍କାରୁ ଆରମ୍ଭ ହୋଇ ୫ହଜାର ପର୍ଯ୍ୟନ୍ତ ରହିଛି।

**ମହିଳାଙ୍କ ସ୍ୱତନ୍ତ୍ର ପସନ୍ଦ ପାରମ୍ପରିକ ପୋଷାକ**

**ଏଥର କ୍ରେଜ୍‌ରେ ଟ୍ରାଇବାଲ୍ ପ୍ରିଣ୍ଟ ପୋଷାକ**

## ରଜ ମହୋତ୍ସବ ପାଇଁ ଦୁର୍ଗାପୂଜା ସମିତି ପକ୍ଷରୁ ପ୍ରସ୍ତୁତି

ଭୁବନେଶ୍ୱର, ୭।୬(ସମିସ): ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ସହିଦନଗର ଦୁର୍ଗାପୂଜା ସମିତି ପକ୍ଷରୁ ରଜ ମହୋତ୍ସବ ପାଳନ ହେବାକୁ ଯାଉଛି। ଏହି ପର୍ବ ୧୨ ଜୁନ୍‌ରୁ ୧୬ ଜୁନ୍ ପର୍ଯ୍ୟନ୍ତ ୫ ଦିନ ଯାଏଁ ଚାଲିବ। ସମିତି ପକ୍ଷରୁ ୨୫ଟି ବିଭିନ୍ନ ପ୍ରକାର ପାରମ୍ପରିକ ଆମିଷ ଓ ନିରାମିଷ ଖାଦ୍ୟ ଷ୍ଟଲର ବ୍ୟବସ୍ଥା କରାଯାଇଛି। ପ୍ରମୁଖ ଷ୍ଟଲରେ ଓଡ଼ିଶାର ବିଭିନ୍ନ ପିଠା, ମିଠା, ପାନ ଓ ଅନ୍ୟାନ୍ୟ ଖାଦ୍ୟ ପ୍ରକ୍ରିୟା ବିକ୍ରି କରାଯିବାର ଯୋଜନା ରହିଛି। ଏହି ଅବସରରେ ରଜ ପର୍ବକୁ ଆହୁରି ଆକର୍ଷଣୀୟ କରିବା ପାଇଁ ପାରମ୍ପରିକ ରଜ ଦୋଳି, ସେଲଫି ଜୋନ୍, ରାମ ଦୋଳି, ମୀନାବଜାର ଓ ବିଭିନ୍ନ ପ୍ରକାର ଖେଳ ସରଞ୍ଜାମର ଆୟୋଜନ କରାଯାଇଛି। ଏହି ପର୍ବକୁ ଆକର୍ଷଣୀୟ କରିବା ପାଇଁ ସମିତି ପକ୍ଷରୁ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି।

# ରଜ ବଜାର | ଅଣ୍ଟା ସଳଖୁଛି ସିନେମା ଶିଳ୍ପ

ଭୁବନେଶ୍ୱର, ୭।୬(ସମିସ)

କରୋନା ସମୟରେ ଭୁଶୁଡ଼ି ପଡ଼ିଥିବା ଓଡ଼ିଆ ସିନେମା ଶିଳ୍ପ କ୍ରମେ ଅଣ୍ଟା ସଳଖିବା ଆରମ୍ଭ କରିଛି। ଚଳିତ ବର୍ଷ ରଜ ଉପଲକ୍ଷେ ଏକାଥରକେ ୪ଟି ଓଡ଼ିଆ ସିନେମା ମୁକ୍ତିଲାଭ କରିବାକୁ ଯାଉଛି। ୧୨ ତାରିଖରେ 'ପାବାର୍', ରିଲିଜ୍ ହେବାକୁ ଥିବା ବେଳେ ପହିଲି ରଜ ଅର୍ଥାତ୍ ୧୪ ତାରିଖରେ 'ଚନ୍ଦ୍ରବଂଶୀ' ଓ 'କୁହୁଡ଼ି' ସାରା ଓଡ଼ିଶାରେ ମୁକ୍ତିଲାଭ କରିବ। ତେବେ ରଜ ପୂର୍ବରୁ ୭ ତାରିଖରେ ମୁକ୍ତିଲାଭ କରିଛି 'ଟିକେ ଟିକେ ଅଚିହ୍ନା ତୁ'। ରଜ ଉପଲକ୍ଷେ ଏହି ଚାରୋଟି ସିନେମା ଦର୍ଶକଙ୍କୁ ଭରପୁର ମନୋରଞ୍ଜନ କରିବ ବୋଲି ସିନେମାର ପ୍ରଯୋଜନା ସଂସ୍ଥା ଓ ନିର୍ଦ୍ଦେଶକମାନେ ଆଶା ରଖିଛନ୍ତି। ପହିଲି ରଜରେ ସାରା ଓଡ଼ିଶାରେ ମୁକ୍ତିଲାଭ କରିବାକୁ ଥିବା ଏହି ସିନେମାଗୁଡ଼ିକର ଟ୍ରେଲର୍ ଓ ପୋଷ୍ଟର୍ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ୍ ହେଉଥିବା ଦେଖିବାକୁ ମିଳିଛି।

ଓଡ଼ିଶାର ଗଣପର୍ବ ରଜ ଆସିଲାମାତ୍ରେ ସିନେମା ହଲ୍‌ରେ ଭିଡ଼ ଦେଖିବାକୁ ମିଳେ। ସାଧାରଣତଃ ପୂର୍ବରୁ ରଜ, ଦୁର୍ଗାପୂଜା ଆଦି ପର୍ବପର୍ବାଣୀରେ ସମୟରେ ପ୍ରତିଯୋଗିତା ଭାବେ ସିନେମା ରିଲିଜ୍ ହେଉଥିବା ବେଳେ କରୋନା ମହାମାରୀ ପରଠୁ ଯଦିଓ ଓଡ଼ିଆ ସିନେମାଠାରୁ ଦର୍ଶକ ମୁହଁ ଫେରାଇ ନେଇଥିଲେ, ହେଲେ ଗତବର୍ଷ ଠାରୁ ମୌଳିକ କାହାଣୀକୁ ନେଇ ନିର୍ମିତ କେତୋଟି ଓଡ଼ିଆ ସନେମା ପରଦାକୁ ଆସିବା ପରେ ଦର୍ଶକଙ୍କୁ ମଧ୍ୟ ଫେରାଇ ଆଣିବାରେ ସଫଳ ହୋଇଛି। ସେହିକ୍ରମରେ ୨୦୨୪ ବର୍ଷରେ ମଧ୍ୟ ରଜ ଉପଲକ୍ଷେ ୩ଟି ଓଡ଼ିଆ ସିନେମା ପହିଲି ରଜରେ ସାରା ଓଡ଼ିଶାରେ ମୁକ୍ତିଲାଭ କରିବାକୁ ଥିବା ବେଳେ ଭୁବନେଶ୍ୱରରେ ମଧ୍ୟ ଏସ୍ କମ୍ପ୍ଲେକ୍ସ, ମହାରାଜା, କେଶରୀ, ସିନେପଲିସ୍ ଆଦିରେ ଦେଖିପାରିବେ ଦର୍ଶକ।

**ଏଥର ୪ ନୂଆ ଓଡ଼ିଆ ସିନେମା**

**ରିଲିଜ୍ ହେଲା 'ଟିକେ ଟିକେ ଅଚିହ୍ନା ତୁ'**

**ପହିଲି ରଜରେ 'କୁହୁଡ଼ି' ଓ 'ଚନ୍ଦ୍ରବଂଶୀ', ୧୨ରେ 'ପାବାର'**

## ମୁକ୍ତିଲାଭ କଲା 'ଟିକେ ଟିକେ ଅଚିହ୍ନା ତୁ'

ଶୁକ୍ରବାର ରିଲିଜ୍ ହୋଇଛି ଓଡ଼ିଆ ସିନେମା 'ଟିକେ ଟିକେ ଅଚିହ୍ନା ତୁ' ମୁକ୍ତଲାଭ କରିଛି। ତାପସ ସରଘରିଆଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ପୁଣି ଥରେ ଦେଖିବାକୁ ମିଳିଛି ସ୍ୱରାଜ ଓ ଭୂମିକାଙ୍କ ଯୋଡ଼ି। ପୂର୍ବରୁ 'ତୁ ମୋ ଲଭ୍ ଷ୍ଟୋରୀ' ଏବଂ 'ତୁ ମୋ ଲଭ୍ ଷ୍ଟୋରୀ-୨'ରେ ଉଭୟଙ୍କ ଲଭ୍ କେମେଷ୍ଟ୍ରୀ ଓ ସଙ୍ଗୀତଗୁଡ଼ିକ ବେଶ୍ ଲୋକପ୍ରିୟତା ହାସଲ କରିଥିଲା। ଚଳିତ ବର୍ଷ ରଜ ଉପଲକ୍ଷେ ମୁକ୍ତିଲାଭ କରିଥିବା ଏହି ସିନେମାରେ ମଧ୍ୟ ଉଭୟଙ୍କ ଏକ ନିଆରା ପ୍ରେମ କାହାଣୀ ଦେଖିବାକୁ ମିଳବ। ଏହାସହ ପ୍ରଜ୍ଞାଙ୍କ କମେଡ଼ି ମଧ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରିବ ବୋଲି ପ୍ରଯୋଜକ ଆଶା କରିଛନ୍ତି। ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ମ୍ୟୁଜିକ୍ ସାଇଣ୍ଟିଷ୍ଟ ପ୍ରେମ୍ ଆନନ୍ଦ। ଏଥିରେ ବିଭିନ୍ନ ଭୂମିକାରେ ସ୍ୱରାଜ, ଭୂମିକା, ଶୁଭମ୍, ପ୍ରଦ୍ୟୁମ୍ନ ଲେଙ୍କା, ଚୌଧୁରୀ ବିକାଶ ଦାସ, ଶୁଭ୍ରାଂଶୁ, ସୋମା ଭୌମିକ ପ୍ରମୁଖ ଅଭିନୟ କରିଛନ୍ତି।




## 'ପାବାର'ରେ ପାୱାର ଦେଖାଇବେ ବାବୁଶାନ୍

ସେହିପରି ବାବୁଶାନ୍ ଫିଲ୍ମସ ଆଣ୍ଡ ଆମର ଷ୍ଟୁଡିଓ ନିବେଦିତ 'ପାବାର' ସିନେମାରେ ବାବୁଶାନ୍‌ଙ୍କ ପାୱାର ଦେଖିବେ ଦର୍ଶକ। ତାଙ୍କ ବିପକ୍ଷରେ ରହିଛନ୍ତି ଚୁଲବୁଲି ନାୟିକା ଏଲିନା। ପୂର୍ବରୁ ଅନେକ ସିନେମାରେ ଉଭୟଙ୍କ ଯୋଡ଼ି ଦର୍ଶକଙ୍କ ମନ ଛୁଇଁ ପାରିଥିବା ବେଳେ ଏଥର ମଧ୍ୟ ଦର୍ଶଙ୍କୁ ପସନ୍ଦ ଆସିବ ବୋଲି ପ୍ରଯୋଜକ ଓ ନିର୍ଦ୍ଦେଶକ ଆଶାବ୍ୟକ୍ତ କରିଛନ୍ତି। ସିନେମାର ପ୍ରଯୋଜନା ଦାୟିତ୍ୱ ବାବୁଶାନ୍‌ଙ୍କ ପତ୍ନୀ ତୃପ୍ତି ଶତପଥୀ ନେଇଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ଅଶୋକ ପତି। ଏବଂ ଚିତ୍ରନାଟ୍ୟ ଓ ସଂଳାପ ଦାୟିତ୍ୱ ନେଇଛନ୍ତି ଅମିତ୍ କୁମାର ଦାସ ଓ ପ୍ରଣବ ପ୍ରସନ୍ନ ରଥ। ସେହିପରି ସିନେମାର ଗୀତଟି ଏଥର ରଜରେ ବେଶ୍ ଲୋକପ୍ରିୟତା ହାସଲ କରିବ ବୋଲି କୁହାଯାଉଛି।



## 'ଚନ୍ଦ୍ରବଂଶୀ'ରେ ଏକାଠି ଓଲିଉଡ୍ ଓ ଯାତ୍ରା ଷ୍ଟାର୍

କୁମାର ପ୍ରୀତମ୍ ସାହୁ ପ୍ରଯୋଜିତ ସିନମୋ 'ଚନ୍ଦ୍ରବଂଶୀ'ରେ ଦେଖିବାକୁ ମିଳିବ ଓଲିଉଡ୍ ଜଗତର ଆଗଧାଡ଼ିର କଳାକାରମାନଙ୍କ ଜଲୱା। ଏଥିରେ ସୁପରଷ୍ଟାର ସିଦ୍ଧାନ୍ତ ମହାପାତ୍ର ମୁଖ୍ୟ ଭୂମିକାରେ ରହିଥିବା ବେଳେ ଶ୍ରୀତମ୍, ଆକାଶ, ସମରେଶ, ଶକ୍ତି ବରାଳ, ତାପସ ସରଘରିଆ, ଅଶ୍ୱିନୀ ତ୍ରିପାଠୀଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିବା ସହ ଯାତ୍ରା କଳାକାର ଦୈତାରୀ ପଣ୍ଡା ଓ ପୀୟୂଷଙ୍କୁ ମଧ୍ୟ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିବ। ସିନେମାର ନିର୍ଦ୍ଦେଶନା ଯଶ୍ ସୁନୀଲ କୁମାର ଦେଇଥିବା ବେଳେ ସଙ୍ଗୀତ ଭାର ତୁଲାଇଛନ୍ତି ଆଶାଦ ନିଜାମ୍।

## କଞ୍ଚା ଲଙ୍କାରେ ଶୈଳେନ୍ଦ୍ର ଓ ସାୟଲ୍

ଓଟିଟି ପ୍ଲାଟଫର୍ମ କଞ୍ଚାଲଙ୍କାରେ ପ୍ରଥମଥର ଏକାଠି ହବାକୁ ଯାଉଛନ୍ତି ଶୈଳେନ୍ଦ୍ର ଓ ସାୟଲ୍। ରଜ ଅବସରରେ ଜୁନ୍ ୧୪ରେ ଓଟିଟି ପ୍ଲାଟଫର୍ମ କଞ୍ଚାଲଙ୍କାରେ ରିଲିଜ୍ ହେବ ଶୈଳେନ୍ଦ୍ର ଓ ସାୟଲ୍‌ଙ୍କ ଓଡ଼ିଆ ଚଳଚ୍ଚିତ୍ର 'ଡ୍ୟାନସିଂ ଷ୍ଟାର'। ବବି ଇସଲାମ୍‌ଙ୍କ ନିର୍ଦ୍ଦେଶିତ ଏହି ସିନେମାର ପ୍ରଯୋଜନା ଭାର ତୁଲାଇଛନ୍ତି ପ୍ରଦୀପ କୁମାର ସ୍ୱାଇଁ ଓ ପ୍ରଦ୍ୟୁମ୍ନ ଲେଙ୍କା। ସେହିପରି କାହାଣୀ ଓ ଚିତ୍ରନାଟ୍ୟ ରେ ସୁଧରାଗ ବାନାର୍ଜି ଥିଲା ବେଳେ ଏହାର ସଂଳାପ ଲେଖିଛନ୍ତି ଆଲୋକ ରାୟ ଏବଂ ମ୍ୟୁଜିକ୍‌ରେ ଅଛନ୍ତି ଆଶାଦ ନିଜାମ୍। ସିନେମାରେ ନୈନା ଦାସ, ଜିନା, ବାଦଲ ମହାନ୍ତି, ମନୋଜ ପଣ୍ଡା, ରତନ ମେହେର, ବବି ମିଶ୍ର ଓ ଅନ୍ୟ କଳାକାରମାନଙ୍କ ଅଭିନୟ ସବୁ ବର୍ଗର ଦର୍ଶକଙ୍କୁ ଭଲ ଲାଗିବ ବୋଲି ଆଶା ରଖିଛନ୍ତି ନିର୍ଦ୍ଦେଶକ ବବି ଇସଲାମ୍।

## 'କୁହୁଡ଼ି' ମଚାଇବ ଧୂମ୍



ଅଜୟ ପାଢ଼ୀଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା 'କୁହୁଡ଼ି'ରେ ଦେଖିବାକୁ ମିଳିବ ଅଭ୍ରୁନବଙ୍କ ଏକ ଭିନ୍ନ ଚରିତ୍ର। ଏହି ସିନେମାର ପ୍ରଯୋଜନା ଦାୟିତ୍ୱ ନେଇଛନ୍ତି ହିମାଦ୍ରୀ ତନୟା ଦାସ। ଲଭ୍ ଇନ୍ ଲଣ୍ଡନ୍ ପରେ ପୁଣି ଥରେ ଏହି ସିନେମା ମାଧ୍ୟମରେ ଅନୁଭବ ମହାନ୍ତି ଦର୍ଶକଙ୍କୁ ବେଶ୍ ମନୋରଞ୍ଜନ କରିବେ ବୋଲି ଆଶା କରାଯାଉଛି। ଏଥିରେ ନାୟିକା ଭାବେ ସୁପ୍ରିୟା ରହିଥିବା ବେଳେ ପ୍ରକୃତି ମିଶ୍ରଙ୍କୁ ମଧ୍ୟ ଅଭିନୟର ଯାଦୁ ଦେଖାଇଛନ୍ତି। ସେହିପରି ଦୀପନ୍ୱିତ ଦାସ ମହାପାତ୍ର, କୁନା ତ୍ରିପାଠୀ, ଶକ୍ତି ବରାଳଙ୍କ ମଧ୍ୟ ବିଭିନ୍ନ ଚରିତ୍ରରେ ଅଭିନୟ କରିଛନ୍ତି। ସିନେମାଟି ପହିଲି ରଜରେ ସାରା ଓଡ଼ିଶାରେ ମୁକ୍ତିଲାଭ କରିବାକୁ ଥିବା ବେଳେ ଏହା ଏକ ଲଭ୍, ରୋମନ୍ସ ଓ ପାରିବାରିକ କାହାଣୀକୁ ନେଇ ପ୍ରସ୍ତୁତ କରାଯାଇଛି। ଯାହା ସବୁ ବର୍ଗର ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି।





## ବଦଳିଛି ଖେଳିବାର ତରିକା

# ଅନ୍‌ଲାଇନ୍ ଯୁଗରେ ଅଫ୍‌ଲାଇନ୍ ଅଲୋଡ଼ା

ଭୁବନେଶ୍ୱର, ୭।୬(ସମିସ)





- ପିଲାଙ୍କ ହାତରେ ସ୍ମାର୍ଟଫୋନ୍, ଗେମ୍ ପଏଣ୍ଟରେ ତାଲା
- ମନୋହରି ଦୋକାନରେ ବିକ୍ରି ହେଉନି ଖେଳ ସାମଗ୍ରୀ

ବଦଳୁଥିବା ସମୟ ସହିତ ତାଳ ଦେଇ ବଦଳୁଛି ଖେଳର ରୁଚି ଓ ଶୈଳୀ। ଏହିକ୍ରମରେ ରାଜଧାନୀର ପିଲାମାନେ ଅଫ୍‌ଲାଇନ୍ ଖେଳ ବଦଳରେ ଅନ୍‌ଲାଇନ୍ ଗେମ୍‌କୁ ଅଧିକ ପସନ୍ଦ କରୁଛନ୍ତି। ଫଳରେ ଅଲୋଡ଼ା ହୋଇପଡ଼ିଛି ତାସ୍, ଲୁଡୁ, କ୍ୟାରମ୍ ଭଳି ଇନ୍‌ଡୋର୍ ଗେମ୍। କେବଳ ଇନ୍‌ଡୋର୍ ଗେମ୍ ନୁହେଁ କବାଡ଼ି, ଖୋ ଖୋ, ବାସ୍କେଟ୍‌ବଲ୍, କ୍ରିକେଟ୍ ଭଳି ଖେଳରୁ କ୍ରମେ ମୁହଁ ଫେରାଉଛନ୍ତି ଆଜିର ସହରୀ ଯୁବଗୋଷ୍ଠୀ। ଆଗରୁ ଗାଁ ହେଉ କି ସହରରେ ଛୋଟପିଲାମାନେ ଅବସର ସମୟ ପାଇଲେ ବାହାରେ କବାଡ଼ି, ଖୋ ଖୋ, ବାସ୍କେଟ୍ ବଲ୍ ଭଳି ବିଭିନ୍ନ ପ୍ରକାର ଖେଳ ଖେଳୁଥିଲେ। ଏମିତି କି ଯୁବକମାନେ ପାଖ ପଡ଼ିଆରେ ଫୁଟ୍‌ବଲ୍, କ୍ରିକେଟ୍ ଖେଳ ଖେଳୁଥିବାର ଦେଖିବାକୁ ମିଳୁଥିଲା। ଏଥିପାଇଁ ବିଭିନ୍ନ ସମୟରେ, ବିଶେଷକରି ଖରାଛୁଟି, ଦଶହରା ଛୁଟି, ରଜ ଛୁଟିରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିଲା। କିନ୍ତୁ ସମୟ ବଦଳିବା ସହିତ ଲୋକେ ଏବେ ଏସବୁ ଖେଳରୁ ମୁହଁ ଫେରାଇବାରେ ଲାଗିଛନ୍ତି। ବିଶେଷକରି ଗତ ୨୦ ବର୍ଷ ଧରି ଏହି ପରିବର୍ତ୍ତନର ଧାରା ଆରମ୍ଭ ହୋଇଥିଲେ ମଧ୍ୟ ୧୦ ବର୍ଷ ଧରି ସ୍ମାର୍ଟଫୋନ୍‌ର ବହୁଳ ବ୍ୟବହାର ଯୋଗୁଁ ଏହା ଦ୍ରୁତଗତିରେ ପରିବର୍ତ୍ତନ ହେଉଛି। ଏବେ ଘରେ ଘରେ ଏକାଧିକ ମୋବାଇଲ୍ ଫୋନ୍ ରହୁଥିବାରୁ ଛୋଟଛୋଟ ପିଲାମାନେ ଏସବୁ ଖେଳ ଖେଳିବାକୁ ପସନ୍ଦ କରୁଛନ୍ତି। ଏହି ଧାରାକୁ ଅନୁସରଣ କଲେ ୨୦ ବର୍ଷ ହେଲା ରାଜଧାନୀର ପିଲାମାନେ ଗେମ୍ ପଏଣ୍ଟରେ ବିଭିନ୍ନ ଅନ୍‌ଲାଇନ୍ ଗେମ୍ ଖେଳୁଥିଲେ। ଏଥିପାଇଁ ଘଣ୍ଟାପ୍ରତି ୨୦ରୁ ୩୦ ଟଙ୍କା ଲେଖାଏ ଦେବାକୁ ପଡୁଥିଲା। ଏହାକୁ ଦୃଷ୍ଟିରେ ରଖି ରାଜଧାନୀର ଗଳିକନ୍ଦିରେ ଗେମ୍ ପଏଣ୍ଟମାନ ଖୋଲିଥିଲା। କିନ୍ତୁ ଏବେ ମୋବାଇଲ୍‌ର ବହୁଳ ବ୍ୟବହାର ଯୋଗୁଁ ଗେମ୍ ପଏଣ୍ଟରେ ମଧ୍ୟ ତାଲା ପଡ଼ିବା ଆରମ୍ଭ ହୋଇଛି। ଏବେ ପ୍ରାୟ ଗେମ୍ ପଏଣ୍ଟ ଦେଖିବାକୁ ମିଳୁନାହିଁ।

ଏବେ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଥିବା ସପିଙ୍ଗ୍ ମଲ୍‌ରେ ବିଭିନ୍ନ ପ୍ରକାର ଅନ୍‌ଲାଇନ୍ ଖେଳ ଖେଳାଯାଉଛି। ପିଲାଠାରୁ ବଡ଼ ସମସ୍ତେ ସେଠାରେ ମଜା ଉଠାଉଛନ୍ତି। ଆଗରୁ ରଜପର୍ବ ବେଳେ ତାସ୍, ଲୁଡୁ, ଚେସ୍ ଆଦି ଖେଳକୁ ଅଧିକ ମାତ୍ରାରେ ପ୍ରାଧାନ୍ୟ ଦିଆଯାଉଥିଲା। ହେଲେ ଏବେ ଏସବୁ ଖେଳ କେବଳ ଲୋକଙ୍କୁ ଦେଖେଇବା ସହିତ ଫଟୋଉଠାଇବାରେ ସୀମିତ ରହିଯାଉଛି। ପର୍ବ ସରିଲେ ଏହି ସବୁ ଖେଳ ସାମଗ୍ରୀ ଘର କୋଣରେ ପଡ଼ି ରହୁଛି। ରାଜଧାନୀର ୟୁନିଟ୍-୧ ମାର୍କେଟ୍‌ରେ ଖେଳନା ଦୋକାନ କରିଥିବା ନିରଞ୍ଜନ ସାହୁ କୁହନ୍ତି ସେ ୨୪ ବର୍ଷ ହେଲାଣି ଦୋକାନ କରିଛନ୍ତି। ଏହି ସବୁ ଆଗରୁ ବହୁତ ବିକ୍ରି ହେଉଥିଲା। ଅତ୍ୟାଧିକ ବିକ୍ରି ହୋଇଛି ଯେତେବେଳେ କୋଭିଡ୍ ଥିଲା ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ଥିଲା ଲୋକେ ଶନିବାର, ରବିବାର ଘରେ ରହୁଥିଲେ ଆଉ ସେହି ସମୟରେ କେତେକାଂଶରେ ଏହି ସବୁ ଖେଳକୁ ଖେଳୁଥିଲେ। ହେଲେ ଏବେ ୨୫୦ ପିସ୍ ଲୁଡୁ, ଚେସ୍ ଆଣିଲେ ମାସକୁ ୫ରୁ ୬ ପିସ୍ ବିକ୍ରି ହେଉଛି। ଦାମ ସବୁ ସେଇ ୧୦୦ରୁ ୧୮୦ଟଙ୍କା ରହିଥିଲେ ମଧ୍ୟ ବିକ୍ରି କମିଯାଇଛି ବୋଲି କହିଛନ୍ତି। କେବଳ ରଜ ବେଳେ ଟିକେ ବିକ୍ରି ହେଉଛି, ନ ହେଲେ ସେମିତି ବର୍ଷସାରା ପଡ଼ିରହୁଛି। ମନୋହରୀ ସାମଗ୍ରୀ ବିକ୍ରି କରୁଥିବା ରାମଚନ୍ଦ୍ର ବାରିକ କୁହନ୍ତି ଆଗରୁ ମୋ ଦୋକାନରେ ଏହି ଲୁଡୁ, ଚେସ୍, ତାସ୍ ଆଦି ଆଣି ରଖୁଥିଲି ଆଗରୁ ବିକ୍ରି ହେଉଥିଲା ହେଲେ ସମୟ ବଦଳିବା ସହିତ ଲୋକେ ଏଭଳି ଖେଳରୁ ମୁହଁ ଫେରାଇଛନ୍ତି। ଯାହାର ପ୍ରଭାବର ଆମ ବ୍ୟବସାୟ ଉପରେ ପ୍ରଭାବ ପକାଉଛି ବୋଲି ସେ କହିଛନ୍ତି।

■ ଅବ୍ୟବସ୍ଥିତ 'ମୋ ବସ୍‌ଷ୍ଟାଣ୍ଡ'

## ଡଷ୍ଟବିନ୍‌ରୁ ଖାଲି ହେଉନି ଅଳିଆ



କଳିଙ୍ଗ ବିହାର, ୭।୬(ସମିସ)

ରାଜଧାନୀର କଳିଙ୍ଗ ବିହାର 'ମୋ ବସ୍‌ଷ୍ଟାଣ୍ଡ' ପାଖରେ ଥିବା ଡଷ୍ଟବିନ୍‌ରୁ ନିୟମିତ ଅଳିଆ ସଫା ହେଉ ନ ଥିବାରୁ ସେଗୁଡ଼ିକ ଦୀର୍ଘଦିନଧରି ପଡ଼ି ରହୁଛି ଓ ଦୁର୍ଗନ୍ଧ ସୃଷ୍ଟି କରୁଛି। ଦୁର୍ଗନ୍ଧ ବାହାରିବାରୁ ଯାତ୍ରୀମାନେ ଡଷ୍ଟବିନ୍‌ରେ ଆବର୍ଜନା ନ ପକାଇ ବାହାରେ ପକାଉଛନ୍ତି। ସେହିଭଳି ଡଷ୍ଟବିନ୍ ଅଧିକ ଆବର୍ଜନା ଭର୍ତ୍ତି ହେବାରୁ ଅଳିଆଗୁଡ଼ିକ ଏଣେତେଣେ ପଡ଼ିରହୁଛି। ଏଠାରୁ ଯା'ଆସ କରୁଥିବା ଯାତ୍ରୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ବସ୍ ଷ୍ଟପ ଦେଇ ଦୈନିକ ଯାଉଥିବା ସ୍ୱାଗତ ରାଉତ ନାମକ ଜଣେ ଯାତ୍ରୀ କହିଛନ୍ତି, ଆମେ ନିତିଦିନ ଏହିଠାରୁ ସହର ଭିତରକୁ କାର୍ଯ୍ୟ କ୍ଷେତ୍ରରେ ଯାଉଛୁ। କିନ୍ତୁ ଦୀର୍ଘଦିନ ହେଲା ଏହି ଡଷ୍ଟବିନ୍‌ଗୁଡ଼ିକରେ ଅଳିଆ ଭର୍ତ୍ତି ହୋଇଛି। ଏହି ରାସ୍ତା ଦେଇ ବିଏମ୍‌ସିର ଅଳିଆ ସଫା ଗାଡ଼ି ଯାଉଛି କିନ୍ତୁ ଅଳିଆ ସଫା ହେଉନାହିଁ। ଏନେଇ ଅନ୍ୟଜଣେ ଯାତ୍ରୀ କହିଛନ୍ତି, ଏଠାରୁ ଅଳିଆ ଭର୍ତ୍ତିହୋଇ ରହିଥିବାରୁ ରାସ୍ତାରେ ଯାଉଥିବା ଗାଈଗୋରୁ ଏହି ପ୍ଲାଷ୍ଟିକ ଅଳିଆକୁ ଖାଇ ବିପଦରେ ପଡୁଛନ୍ତି। ଅନେକ ଗୋରୁ ଏହାକୁ ଖାଇ ମୃତ୍ୟୁମୁଖରେ ପଡ଼ିବାର ମଧ୍ୟ ନଜିର୍ ରହିଛି।

## ମରାମତି ଅଭାବ

# କାମରେ ଆସୁନି ଇ-ଶୌଚାଳୟ

ଭୁବନେଶ୍ୱର, ୭।୬(ସମିସ)

ରାଜଧାନୀକୁ ପରିଷ୍କାର ପରିଚ୍ଛନ୍ନ ସହରରେ ପରିଣତ କରିବା ଲାଗି ୨୦୧୮ ମସିହାରେ ବିଏମ୍‌ସି ପକ୍ଷରୁ ଜନଗହଳି ସ୍ଥାନଗୁଡ଼ିକରେ ଇ-ଶୌଚାଳୟ ନିର୍ମାଣ କରାଯାଇଥିଲା। ରାଜଧାନୀର ୪୦ଟି ସ୍ଥାନରେ ଏହି ବ୍ୟବସ୍ଥା କରାଯାଇଥିଲା। ସହରର ବହୁ ପ୍ରମୁଖ ଛକ, ପାର୍କ, ବସ୍‌ଷ୍ଟାଣ୍ଡ ଭଳି ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ଏହି ଶୌଚାଳୟ ନିର୍ମାଣ କରାଯାଇଥିଲା। ହକି ବିଶ୍ୱକପ୍ ସରିଯିବା ପରେ ଏହି ଇ-ଶୌଚାଳୟ ଅଚଳ ହୋଇପଡ଼ିଛି। ସେଥିମଧ୍ୟରୁ ଯେତେକି କାର୍ଯ୍ୟକ୍ଷମ ଅଛି, ତାହା ବି ସଠିକ ଭାବେ ଚାଲୁନାହିଁ। ଫଳରେ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ରାଜଧାନୀରେ କିଛି ସ୍ଥାନରେ ଏହି ଇ-ଶୌଚାଳୟ ଅଚଳାବସ୍ଥାରେ ପଡ଼ିରହିଛି। ଏଗୁଡିକ ମଧ୍ୟରୁ କେଉଁ ଶୌଚାଳୟରେ ଡୋର୍ ଖୋଲୁନାହିଁ ତ କେଉଁଠି ଭଲ ଭାବରେ ପାଣି ଆସୁନାହିଁ। ସେହିପରି କେତେକରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇ ପଡ଼ିଛି। ସେଥିମଧ୍ୟରୁ ଆଚାର୍ଯ୍ୟବିହାର ନିକଟରେ ନିର୍ମାଣ କରାଯାଇଥିଲା। ଯାହାକି ବାହାରୁ ଦେଖିବାକୁ ନୂଆ ଭଳି ଦେଖାଯାଉଛି। କିନ୍ତୁ ଏହା କାର୍ଯ୍ୟ କରୁନାହିଁ। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ମାର୍ଟ ସିଟି ନାଁକୁ ମାତ୍ର। ସହର ସୁନ୍ଦର ହେଲେ ବସ୍‌ଷ୍ଟପରେ ପରିସ୍ରା କରିବା ପାଇଁ ଗୋଟିଏ ହେଲେ ଶୌଚାଳୟ ନାହିଁ। ଏଠାରେ ଗୋଟିଏ ଇ-ଶୌଚାଳୟ ରହିଛି ତାହା କାମ କରୁନାହିଁ। ଯଦି କେଉଁ ସମୟରେ କାହାକୁ ପରିସ୍ରା ଲାଗିଲା ସେ ଅସୁବିଧାର ସମ୍ମୁଖୀନ ହେବା ଥୟ ବୋଲି ମହିଳା ଯାତ୍ରୀ ମୋନାଲିସା ମହାନ୍ତି କହିଛନ୍ତି। କାହାର ଦାୟିତ୍ୱହୀନତା ଲାଗି ଏଭଳି ଅବ୍ୟବସ୍ଥା ହେଉଛି ସେନେଇ ଉଠିଛି ପ୍ରଶ୍ନବାଚୀ। ସେହିଭଳି ଶୌଚାଳୟ ପରିଚାଳନା ପାଇଁ କୌଣସି ସଂସ୍ଥାରୁ ବିଏମ୍‌ସି ପକ୍ଷରୁ ନିଯୁକ୍ତି ଦିଆଯାଇନଥିବାରୁ ଏଭଳି ପରିସ୍ଥିତି ଉପୁଜିଛି ବୋଲି କୁହାଯାଉଛି। ଏହି ଶୌଚାଳୟର ଠିକା ନେଇଥିବା ସଂସ୍ଥା ସହିତ ଏହାର ରକ୍ଷଣାବେକ୍ଷଣ ପାଇଁ କୌଣସି ଚୁକ୍ତି କରିଥିଲା କି ନାହିଁ ତାକୁ ନେଇ ଉଠିଛି ପ୍ରଶ୍ନବାଚୀ।




## ସମ୍ ହସ୍ପିଟାଲ୍‌ରେ ବିଶ୍ୱ ପରିବେଶ ଦିବସ




ଭୁବନେଶ୍ୱର, ୭।୬(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଅଧୀନସ୍ଥ ପୋଷ୍ଟ ଗ୍ରାଜୁଏଟ୍ ଡିପାର୍ଟମେଣ୍ଟ ଅଫ୍ ପେଡ଼ିଆଟ୍ରିକ୍ସ, ୟୁନିସେଫ୍ ଏବଂ ଇଣ୍ଡିଆନ୍ ଏକାଡେମୀ ଅଫ୍ ପେଡ଼ିଆଟ୍ରିକ୍ସ ଭୁବନେଶ୍ୱର ଶାଖାର ମିଳିତ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ପରିବେଶର ପ୍ରଭାବ' ଶୀର୍ଷକ ଏକ ସିଏମ୍‌ଇ ହାଇବ୍ରିଡ୍ ମୋଡ୍‌ରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ଆଇଏପି ଭୁବନେଶ୍ୱର ଶାଖାର ସଭାପତି ଡାକ୍ତର ଆଶୁତୋଷ ମହାପାତ୍ର ଉଦ୍‌ଘାଟନ କରିଥିବା ବେଳେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର ଡ. ସଂଘମିତ୍ରା ମିଶ୍ର, ଡ. ମୃତ୍ୟୁଞ୍ଜୟ ଦାସ, ଡ. ମମତାଦେବୀ ମହାନ୍ତି ଯୋଗ ଦେଇଥିଲେ। ସେହିପରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମଧ୍ୟ ସମ୍ ହସ୍ପିଟାଲ୍‌ରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ଏଥିରେ ବୋର୍ଡର ପରିବେଶ ବୈଜ୍ଞାନିକ ରଶ୍ମିରେଖା ପ୍ରଧାନ, ବିଷ୍ଣୁନାରାୟଣ ସେନାପତି ଉପସ୍ଥିତ ଥିଲେ। ଏହି ଅବସରରେ ହସ୍ପିଟାଲ୍ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା। ଗ୍ରୀନ୍ ଆର୍ମି ମିଶନ୍‌କୁ ଭୁବନେଶ୍ୱର ଏବଂ ଓଡ଼ିଶାରେ ଅଧିକ ପ୍ରସାର କରିବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୦୦ ଜଣ ଡାକ୍ତର, ପୋଷ୍ଟ ଗ୍ରାଜୁଏଟ୍ ଏବଂ ଏମ୍‌ବିବିଏସ୍ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ସାମାଜିକ ଅର୍ଥନୈତିକ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ବିଶ୍ୱ ପରିବେଶ ଦିବସ




ଭୁବନେଶ୍ୱର, ୭।୬(ସମିସ): ସାମାଜିକ ଅର୍ଥନୈତିକ ଗବେଷଣା ପ୍ରତିଷ୍ଠାନ ଆନୁକୂଲ୍ୟରେ ଶୁକ୍ରବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ପରିବେଶ ଏବଂ ମାନବ ଜୀବନର ବିକାଶ' ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଓରେରା ଅଧ୍ୟକ୍ଷ ଏବଂ ପ୍ରାକ୍ତନ ଭାରତୀୟ ବନସେବା ଅଧିକାରୀ ସିଦ୍ଧାନ୍ତ ଦାସ, ସମ୍ମାନିତ ଅତିଥିଭାବେ ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ମୁଖ୍ୟବକ୍ତା ଭାବରେ ପ୍ରଫେସର ଅନିତା ଦାଶ ଯୋଗ ଦେଇଥିଲେ। ଏହି ସଭାରେ ପ୍ରାକ୍ତନ ପ୍ରଶାସକ ଡ. ରବିନାରାୟଣ ସେନାପତି ସଭାରେ ଅଧ୍ୟକ୍ଷତା କରିଥିଲେ। ପରିବେଶ ସୁରକ୍ଷାର ବିଭିନ୍ନ ଦିଗ ଉପରେ ସଭାରେ ଆଲୋଚନା କରାଯାଇଥିଲା। ସେହିପରି ମଧ୍ୟାହ୍ନ ଅଧିବେଶନରେ ପରିବେଶବିତ୍ ଏବଂ ବିଶେଷଜ୍ଞମାନଙ୍କ ଦ୍ୱାରା ଆୟୋଜିତ ଆଲୋଚନାରେ ପୌରାହିତ୍ୟ କରିଥିଲେ ଭାରତୀୟ ଲୋକ ପ୍ରଶାସକ ସଂସ୍ଥା ଆଞ୍ଚଳିକ ଶାଖାର ଅଧ୍ୟକ୍ଷ କରୁଣାକର ପଟ୍ଟନାୟକ। ଏହି ଅବସରରେ ପରିବେଶବିତ୍ ଡ. ଜୟକୃଷ୍ଣ ପାଣିଗ୍ରାହୀ, ପ୍ରଫେସର ଜ୍ୟୋତିଶ୍ରୀ, ବୈଜ୍ଞାନିକ ଡ. ଚିତ୍ତରଞ୍ଜନ ମିଶ୍ର, ପ୍ରଫେସର କେଶବ ଦାସ ପ୍ରମୁଖ ଯୋଗଦେଇ ନିଜର ମତବ୍ୟକ୍ତ କରିଥିଲେ। ଏଥିରେ ବିଭିନ୍ନ ବିଶ୍ୱବିଦ୍ୟାଳୟର ଶିକ୍ଷାବିତ୍, ସହକାରୀ ପ୍ରଫେସର ଓ ଗବେଷକ ଅଂଶଗ୍ରହଣ କରିଥିଲେ।

## ହରିଦ୍ୱାରରେ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର କାର୍ଯ୍ୟକ୍ରମ

ଭୁବନେଶ୍ୱର, ୭।୬(ସମିସ): ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପ୍ରଚାର ସମିତି ପକ୍ଷରୁ ହରିଦ୍ୱାରରେ ଶ୍ରୀଜଗନ୍ନାଥଙ୍କ ପାଞ୍ଚରାତ୍ର କାର୍ଯ୍ୟକ୍ରମ ଶେଷ ହୋଇଛି। ମହନ୍ତ ରାମକୃଷ୍ଣ ଦାସ ମହାରାଜ, ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ, ସମ୍ପାଦକ ପ୍ରଭାକର ମଲ୍ଲିକ ଉପସଭାପତି ବୈକୁଣ୍ଠ ନାଥ ମହାପାତ୍ର ଯୁଗ୍ମ ସମ୍ପାଦକ ନିରଞ୍ଜନ ଦାଶ ସଂଗଠନ ସମ୍ପାଦକ ନାରାୟଣ ମହାପାତ୍ର, ଡ଼ ରାମଚନ୍ଦ୍ର ମିଶ୍ର ବାବୁରାମ ସ୍ୱାଇଁ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ହରିଦ୍ୱାରରେ ଏହି କାର୍ଯ୍ୟକ୍ରମରେ ପଣ୍ଡିତ ଦେବଦତ୍ତ ଦାଶ, ପଣ୍ଡିତ ବିଷ୍ଣୁ ନାରାୟଣ ପାଢ଼ୀ ମହାପ୍ରଭୁଙ୍କ ପୂଜା ସେବାନୀତି କରିବା ସହିତ ୫ ଦିନ ଧରି ପାରାୟଣ କରିଥିଲେ। ଶେଷଦିନ ହୋମ କରାଯିବା ସହ ସାଧୁମାନଙ୍କୁ ନିମନ୍ତ୍ରଣ କରାଯାଇ ଭୋଜନରେ ଶ୍ରୀଜଗନ୍ନାଥଙ୍କ ପ୍ରିୟ ପ୍ରସାଦ ନୁଖୁରା ଖେଚୁଡ଼ି, ଡାଲମା ପରଷା ଯିବା ସହ ଦକ୍ଷିଣା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସର୍ବଭାରତ ବ୍ରାହ୍ମଣ ମହାସଭାର ରାଷ୍ଟ୍ରୀୟ ମହାସଚିବ ଡ. ରାଜେନ୍ଦ୍ର କୁମାର ପରାଶର, ଉତ୍ତରାଖଣ୍ଡ କେ ମହାସଚିବ ନରେଶ ଶର୍ମା, ହରିଦ୍ୱାର ଜିଲ୍ଲାର ମହାସଚିବ ଲକି ଦତ୍ତା ପ୍ରମୁଖ ଯୋଗ ଦେଇଥିଲେ।

## ପରିବେଶ ଦିବସରେ ଏନ୍‌ଏସ୍‌ଏସ୍ ପକ୍ଷରୁ ଚାରାରୋପଣ

ଭୁବନେଶ୍ୱର, ୭।୬(ସମିସ): ସିଏଚ୍‌ଏସ୍‌ସି ପରିସରରେ ଏନ୍‌ଏସ୍‌ଏସ୍ ବ୍ୟୁରୋ, ସିଏଚ୍‌ଏସ୍‌ସି ଓଡ଼ିଶା ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ସକାଳ ୮.୦୦ ରୁ ୧୦.୩୦ ପର୍ଯ୍ୟନ୍ତ କଠିନ ବର୍ଜ୍ୟବସ୍ତୁ ପରିଚାଳନା (ବିଭିନ୍ନ ବର୍ଜ୍ୟବସ୍ତୁ ପାଇଁ ବିଭିନ୍ନ ରଙ୍ଗର ଡଷ୍ଟବିନ), ସ୍ୱଚ୍ଛ ଭାରତ ଅଭିଯାନ ଫର୍ମରେ ପାଳନ କରିଛି। କ୍ୟାମ୍ପସ୍ ସଫା କରିବା ଏବଂ ବୃକ୍ଷରୋପଣ ସିଏଚ୍‌ଏସ୍‌ସି ଉଦ୍ୟାନରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନଙ୍କ ସହିତ ବିଜେବି ବିଦ୍ୟାଳୟ, ରାଜଧାନୀ ଏଚ୍ ସ୍କୁଲ୍, ମହର୍ଷି ୱେମେନ୍ ଏଚ୍ ସ୍କୁଲ୍, ଭୁବନେଶ୍ୱର, ଚାନ୍ଦକା ଏଚ୍ ସ୍କୁଲର ଛାତ୍ରଛାତ୍ରୀ ଚାରାରୋପଣ କରିଥିଲେ। ଏଥିରେ ଓଏଏସ୍, ସଚିବ ସିଏଚ୍‌ଏସ୍‌ସି (ଓ) ସୁଭବାଲା ବେହେରା, ଆଡମିନିଷ୍ଟ୍ରେଟିଭ୍ ଅଫିସର ରଶ୍ମୀରେଖା ଅମାନ୍ତ, ଇଗନୋର ଡେପୁଟି ରେଜିଷ୍ଟର ଆନନ୍ଦ କୁମାର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ବ୍ରଜକିଶୋର ସାହୁ, ଅଟଳ ବିହାରୀ ବାଳ, ଡ. ରଘୁନାଥ ମଣ୍ଡଳ ଯୋଗ ଦେଇଥିବା ବେଳେ ଡ. ବିଶ୍ୱ ମୋହନ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




## ସଙ୍କଟରେ 'ନକଲି'

# କାରିଗରଙ୍କ ଜୀବିକା



**କମିଲାଣି ଚାହିଦା, ବେପାର ମାନ୍ଦା**

ଭୁବନେଶ୍ୱର, ୭।୬(ସମିସ)

ଦିନ ରାତି ଚାବି ତିଆରି କରିବାରେ ବ୍ୟସ୍ତ ଥିବା ଦୁଇହାତ ଗଢ଼ି ଚାଲେ ନକଲି ଚାବି। ଜୀବନ ଜୀବିକାକୁ ପଛରେ ପକାଇ ସବୁ ସମୟ ଲୋକଙ୍କ ପାଇଁ ନିରନ୍ତର ନକଲି ଚାବି ଗଢୁଥିବା ମଣିଷଟି ଭୁଲିଯାଏ ନିଜର ବ୍ୟକ୍ତିଗତ ଜୀବନ। ସେହି ଜୀବିକା ପଲଟିଯାଏ ଦିନେ ତା ପରିଚୟ। ଆଜିର ସମୟରେ ଅଲୋଡ଼ା ହୋଇଯାଇଥିବା ଚାବି କାରିଗର ସେତେବେଳେ ମନେପଡ଼େ ଯେତେବେଳେ ଘରର କବାଟ କି ଆଲମିରା ଆଦିର ଖୋଲିବାରେ ସମସ୍ୟା ହୁଏ କି ଖରାପ ହୋଇଯାଏ।

ସେହିପରି ରାଜଧାନୀରେ କାହାର ଘରର ଚାବି କି ଆଲମିରା ଚାବି ହଜିଗଲେ ଏକ ନମ୍ବର ହାଟର ରାସ୍ତା ହିଁ ମନେ ପଡ଼ିଥାଏ। ସେଠାରେ ପାଖାପାଖି ୮ ରୁ ୧୦ ଜଣ ଚାବି କାରିଗରଙ୍କୁ ଦେଖିବାକୁ। ଯେଉଁଠି ସେ ଚାହିଁ ବସିଥାନ୍ତି ଗ୍ରାହକଙ୍କ ଅପେକ୍ଷାରେ। କେବଳ ଘର କି ଆଲମିରା ନୁହେଁ, ବାକ୍ସ, କାହା ଗାଡ଼ିର ଚାବି ଭାଙ୍ଗି ହଜିଗଲେ ମଧ୍ୟ ନକଲି ଚାବି ପାଇଁ ଲୋକେ ଏଠାକୁ ଆସନ୍ତି। ସେଠାରେ ବସିରହିଥିବା କାରିଗର ସମସ୍ତଙ୍କ ସମସ୍ୟାର ଚାବି ତିଆରି କରି ଗ୍ରାହକଙ୍କ ମୁହଁରେ ହସଟିଏ ଆଣି ଦିଅନ୍ତି। ଏଠାରେ ବସିରହିଥିବା ଅନୁଭବୀ କାରିଗର ଖୁବ କମ ସମୟରେ ଅନେକ ଚାବି ତିଆରି କରି ଦିଅନ୍ତି। ଆଜିଯାଏଁ କେତେ ଲକ୍ଷ ଚାବି ସେଠାରେ ତିଆରି ହୋଇଛି ତା'ର ହିସାବ ନାହିଁ ବୋଲି ସେଠାକାର କାରିଗର କୁହନ୍ତି। ହେଲେ ସେମାନଙ୍କ ପରିଶ୍ରମର ମୂଲ୍ୟ ଓ ଚାବି ଗଢିବାରେ ନିଜର ଯେଉଁ ସମୟ ଦେଇଛନ୍ତି ତାର କୌଣସି ମୂଲ୍ୟ ଲଗାଯାଇପାରିବ ନାହିଁ ବୋଲି ସେମାନେ କୁହନ୍ତି। ହେଲେ ୭, ୮ ବର୍ଷ ତଳେ ବେପାର ଯେମିତି ଚାଲିଥିଲା ତାହା ଆଉ ଦେଖିବାକୁ ମିଳୁନି। ଆଧୁନିକ ଯୁଗରେ ଲୋକ ଆଧୁନିକ ବା ଡିଜାଇନ ଚାବି ଲଗାଇବାକୁ ପସନ୍ଦ କରୁଛନ୍ତି। କେହି କେହି ନିଜ ଘରେ ସେନ୍‌ସର୍ ବାଲା ଚାବି ବ୍ୟବହାର କରିବାକୁ ଲାଗିଲେଣି। ସେଥିପାଇଁ ଏବେ ଏ ଚାବି ଲୋକଙ୍କ ପାଇଁ ଅଲୋଡ଼ା ହୋଇ ପଡ଼ିଛି ବୋଲି ଦୀର୍ଘଦିନରୁ ସେଠାରେ ବେପାର କରୁଥିବା ଜଣେ କାରିଗର ପୀତବାସ ସାହୁ ମତ ଦେଇଛନ୍ତି।

ନକଲି ଚାବି ତିଆରି କରିବାପାଇଁ ସମସ୍ତ ଆବଶ୍ୟକ ଜିନିଷ କଟକରୁ କାରିଗରମାନେ ମଗାଇଥାନ୍ତି। ପରେ ଏକ ଧାରୁଆ ପାତ ବା ତାଙ୍କ ଭାଷାରେ ଫାଇଲ ସାହାଯ୍ୟରେ ଚାବି ତିଆରିରେ ଲାଗି ପଡ଼ନ୍ତି। ୧୦୦ ଟଙ୍କାରୁ ଆରମ୍ଭ କରି ୪୦୦ ଟଙ୍କା ପର୍ଯ୍ୟନ୍ତ ଚାବି ଏଠାରେ ଦେଖିବାକୁ ମିଳେ। ପୂର୍ବରୁ ଦୈନିକ ୩ରୁ ୪ ହଜାର ପର୍ଯ୍ୟନ୍ତ ଲାଭ ମିଳୁଥିଲା। ବେଳେ ଏବେ ୫ ଶହ କି ହଜାରେ ମିଳିବା କଷ୍ଟକର ହୋଇପଡୁଛି ବୋଲି ସେମାନେ ମତ ଦେଇଛନ୍ତି। ଆଗରୁ ଏଥିରେ ଯେତେ ଲାଭମିଳେ ସେମାନଙ୍କ ପରିବାର ହସଖୁସିରେ ଚଳୁଥିଲା ହେଲେ ଏବେ ଯେତିକି ଯାହା ମିଳୁଛି ଘର ଚଳେଇବାରେ ଅସୁବିଧା ହେଉଛି। ଏମିତି ଚାଲିଲେ ଆଉ କିଛି ବର୍ଷପରେ ଏ ବୃତ୍ତି ଓ ଏହାକୁ ନେଇ ଜୀବିକା କରୁଥିବା ଲୋକ ଆଉ ମିଳିବେନି ବୋଲି କାରିଗରମାନେ ଦୁଃଖ ପ୍ରକାଶ କରି କହିଛନ୍ତି।

